**ଭାରତର ପ୍ରଧାନମନ୍ତ୍ରୀଙ୍କର ମାଳଦ୍ୱୀପ ସ୍ୱାଧୀନତା ଦିବସର 60ତମ ବାର୍ଷିକୀ ଉତ୍ସବରେ ସମ୍ମାନନୀୟ ମୁଖ୍ୟ ଅତିଥି ଭାବରେ ଯୋଗଦାନ (ଜୁଲାଇ 26, 2025)**

ଜୁଲାଇ 26, 2025

ମାଲେ କୁ ଏବେକାର ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ମାଳଦ୍ୱୀପର ସ୍ୱାଧୀନତା ଦିବସର 60ତମ ବାର୍ଷିକୀ ଉତ୍ସବରେ 'ସମ୍ମାନନୀୟ ମୁଖ୍ୟ ଅତିଥି' ଭାବରେ ଯୋଗ ଦେଇଥିଲେ।  ଏହା ହେଉଛି କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ମାଳଦ୍ୱୀପର ସ୍ୱାଧୀନତା ଦିବସ ଉତ୍ସବରେ ପ୍ରଥମ ଥର ପାଇଁ ଯୋଗଦାନ।  ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମ ବିଦେଶୀ ନେତା ଭାବରେ କୌଣସି ପ୍ରଥମ ରାଷ୍ଟ୍ରାଧ୍ୟକ୍ଷ କିମ୍ବା ସରକାର ମୁଖ୍ୟ ମଧ୍ୟ ଅଟନ୍ତି ଯିଏ ରାଷ୍ଟ୍ରପତି ମୁଇଜ୍ଜୁଙ୍କ ତରଫରୁ ଆତିଥ୍ୟ ପ୍ରାପ୍ତ କରିଛନ୍ତି।

2. ପ୍ରଧାନମନ୍ତ୍ରୀଙ୍କ ସହିତ ମାଳଦ୍ୱୀପର ରାଷ୍ଟ୍ରପତି ମହାମହିମ ଡ. ମହମ୍ମଦ ମୁଇଜ୍ଜୁ ରିପବ୍ଲିକ୍ ସ୍କୋୟାର୍ ରେ ସ୍ୱାଧୀନତା ଦିବସ ପରେଡ୍ ରେ ଉପସ୍ଥିତ ରହିଥିଲେ।  ଏହି ଅବସରରେ ଭାରତର ପ୍ରଧାନମନ୍ତ୍ରୀ ମାଳଦ୍ୱୀପର ଜନସାଧାରଣ ଓ ସରକାରଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ।  ଏହି ଉତ୍ସବରେ ମାଳଦ୍ୱୀପ ଏକ ଆଧୁନିକ ରାଷ୍ଟ୍ର ଭାବରେ ନିଜର ସଫଳତା ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିବା ସହିତ ମାଳଦ୍ୱୀପର ଜାତୀୟ ପ୍ରତିରକ୍ଷା ବାହିନୀ ଓ ଅନ୍ୟାନ୍ୟ ସ୍ଥାନୀୟ ୟୁନିଟ୍ ଏକ ଆକର୍ଷଣୀୟ ପରେଡ୍ ପ୍ରଦର୍ଶନ କରିଥିଲେ।

3. ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ମୁଇଜ୍ଜୁ ଏବଂ ମାଳଦ୍ୱୀପର ଲୋକମାନଙ୍କୁ ସେମାନଙ୍କ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିବା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପାଇଁ ଧନ୍ୟବାଦ ଜଣାଇଥିଲେ।  ସ୍ୱାଧୀନତା ଦିବସ ପାଳନରେ 'ସମ୍ମାନନୀୟ ମୁଖ୍ୟ ଅତିଥି' ଭାବରେ ତାଙ୍କର ଅଂଶଗ୍ରହଣ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ଅଟେ।  ଆହୁରି ମଧ୍ୟ 2025 ମସିହା ଭାରତ ଓ ମାଳଦ୍ୱୀପ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର 60 ବର୍ଷ ପୂର୍ତ୍ତୀ ଅଟେ।

ମାଲେ

ଜୁଲାଇ 26, 2025